# ଭବିଷ୍ୟତ ପାଇଁ ଭେଟି

• ବୀରେନ୍ ରାଉତରାୟ

ସଂସ୍କୃତି ବିହାରର ସୁବର୍ଣ୍ଣ ଜୟନ୍ତୀ ପାଳନ ହଉଛି, ପ୍ରକାଶ ହବ ଗୋଟିଏ Souvenir.

ସେଥି ପାଇଁ ଦିନ ରାତି ଏକାକାର କରି ଲାଗି ପଡ଼ିଛନ୍ତି ନିର୍ମଳ ଓ ସରୋଜ । ପଚାଶ ବର୍ଷର ଅନୁଷ୍ଠାନ "ସଂସ୍କୃତି ବିହାର" । ସଭ୍ୟମାନଙ୍କ ଘରକୁ ବାରମ୍ବାର ଦୌଡୁଛନ୍ତି ଫଟୋଟିଏ ପାଇବା ପାଇଁ । ସେମାନଙ୍କ ଭିତରୁ ଅନେକ ବିଗତ କେତେ ଜଣ ଗତ ନ ହେଲେ ବି ବିଗତ ପ୍ରାୟ । କାନକୁ ଶୁଭୁ ନାହିଁ, ଆଖିକୁ ଦିଶୁ ନାହିଁ... ସ୍ମୃତି ମଧ ବିଲୁପ୍ତ ପ୍ରାପ୍ତ । ଏକଦା ସେମାନେ ଏ ସଂସ୍ଥା ସହିତ ସମ୍ପୃକ୍ତ ଥିଲେ । କିଏ ତବଲା ବଜାଉଥିଲା, କିଏ ଗୀତ ଗାଉଥିଲା, ନାଚ କରୁଥିଲା ବା ଅଭିନୟ କରି ଦର୍ଶକଙ୍କୁ ଅଭିଭୂତ କରିଥିଲା...

ସେଇମାନଙ୍କ ସ୍ମୃତିକୁ ଧରି ରଖିବାର ପ୍ରଚେଷ୍ଟା ।।

ସେତେବେଳେ ନୂଆ କରି ପାଦ ଦେଇଥିବା ତରୁଣ, ଆଜି ହୋଇଛନ୍ତି ପ୍ରବୀଣ; ସେ ବେଳର ପ୍ରବୀଣ ଆଜି ସ୍ଥବୀର – ଅପାଂକ୍ତେୟ... ସମସ୍ତଙ୍କୁ ଜାବୁଡ଼ି ଧରି Souvenir ରେ ସ୍ଥାନ ଦେବା ପାଇଁ ଏହା ଅଯଥା" ପ୍ରୟାସ ବୋଲି ମୋର ମନେ ହେଲା ।।

"ଅଯଥା" ଶବ୍ଦଟି ଏଇଥି ପାଇଁ ବାରମ୍ବାର ମୋ ମନକୁ ଆନ୍ଦୋଳିତ କରୁଥିଲା... କାରଣ କ'ଣ ଏ ଅକ୍ଲାନ୍ତ ପରିଶ୍ରମର ??? ଦୁଇ ଦିନ ଧରି ଉତ୍ସବ ପାଳନ ହବ, ବିଶିଷ୍ଟ ଅତିଥିମାନେ ଆସି ମଞ୍ଚର ଶୋଭାବର୍ଦ୍ଧନ କରିବେ, ପରିବେଷଣ ହବ ଗୀତିନାଟ୍ୟ... ନାରଣ Direction ଦବ । ଅଭିଜ୍ଞ କଳାକାରମାନେ ଅଭିନୟ କରିବେ... ଏହା ଯେ ଉଚ୍ଚକୋଟୀର ହବ ଏଥିରେ ସନ୍ଦେହ ନାହିଁ, ହେଲେ ଏ Magazine ର ଆବଶ୍ୟକତା କ'ଣ ? ଏଇଟା "ଅଯଥା"...

ଏଇ ଚିନ୍ତା ମୋ ମନ ଭିତରେ ଏକ ପ୍ରକାର ସନ୍ଦେହର ଆଲୋଡ଼ନ ସୃଷ୍ଟି କରୁଥିଲା ଅହରହ, ଅନୁଜ ତୁଲ୍ୟ ନିର୍ମଳ ଓ ସରୋଜ – ସେମାନେ ମୋତେ ବଡ଼ ଭାଇର ଶ୍ରଦ୍ଧା ଓ ସମ୍ମାନ କରନ୍ତି... ତାଙ୍କ ମନରେ କଷ୍ଟ ହବ ସେଥିପାଇଁ ନୀରବ ରହିଲି । ହେଲେ ମୋ ମନକୁ ଆଦୌ ବୁଝେଇ ପାରୁ ନ ଥାଏ କାହିଁକି ଏ Souvenir ପାଇଁ ଏତେ ଖଡ଼ ପୋଡ଼ା ??

ସବୁ ଅଯଥା...

ହଠାତ୍ ଘଟିଗଲା ଗୋଟିଏ ଦୁର୍ଘଟଣା – ମୋର ଜଣେ ଆତ୍ମୀୟଙ୍କ ମୃତ୍ୟୁ ହେଲା, ସେ ଥିଲେ ନିହାତି ଜଣେ ସାଧାରଣ ଲୋକ – ଅଢ଼େଇ ବଖରା ଭଡ଼ା ଘରେ ପରିବାର ସହ ରହୁଥିଲେ । ଖବର ପାଇ ସାଙ୍ଗେ ସାଙ୍ଗେ ଯାଇ ପହଁଞ୍ଚିଲି... କୌଣସି ରୋଗ ବ୍ୟାଧି ନ ଥିଲା । ବାର୍ଦ୍ଧକ୍ୟ ମୃତ୍ୟୁର କାରଣ ।

ମୃତ୍ୟୁଟା କୋଉବା ନୂଆ କଥା ? ପୁଣି ବୟସ୍କ ବି ହୋଇଥିଲା – "ଜୀବ ଆସିଥାଏ ଯିବା ପାଇଁ...." ଏ କଥା ଭଲ ଭାବରେ ବୈଷ୍ଣବ ଭାଇ ବୁଝେଇ ଦେଇଛନ୍ତି "ସର୍ପଯଜ୍ଞ"ରେ । ପୁଣି ଯାହାକୁ ଭିନ୍ନ ଭିନ୍ନ ଭାବରେ ନାଟକୀୟ ରୂପରେ କଳାକାରଙ୍କୁ ନିର୍ଦ୍ଦେଶନା ଦେଇ ବୁଝେଇ ଦଉଛି "ନାରାଣ" । ସବୁଦିନେ ସେ Rehearsal ଦେଖି ମୃତ୍ୟୁକୁ ଖୁବ୍ ଭଲ ଭାବରେ ଚିହ୍ନି ସାରିଥାଏ ।

ହେଲେ ଆଶ୍ଚର୍ଯ୍ୟ ହେଲି – ଯେତେବେଳେ ଦେଖିଲି S.C.B. Medical ର Staff ଆସି ପହଞ୍ଚିଗଲେ BODY ନେବେ ବୋଲି । ସେ ତାଙ୍କ ଦେହକୁ ସର୍ବସାଧାରଣଙ୍କ ପାଇଁ ଦାନ କରିଦେଇଛନ୍ତି... ତେବେ ପାଞ୍ଚ ଘଣ୍ଟା ପରେ ସେମାନେ ଆସିବେ... ଏଇ ଖବର ଜଣାଇ ଦେଇଗଲେ ।

ମତେ ଆହୁରି ଆଶ୍ଚର୍ଯ୍ୟ କରି ଦେଲା – ଯେତେବେଳେ Police ଭର୍ତ୍ତି ଗାଡ଼ି ଗୁଡ଼ା ଆସି ସେ ଅନାମଧେୟ ଗଳୀଟି ନାକାବନ୍ଦୀ କରିଦେଲେ... ପରେ ପରେ ଆସି ପହଁଞ୍ଚିଗଲେ ତାଙ୍କ ଘର ଆଗରେ ଶହ ଶହ Motor Cycle ଓ ଦଳ ଦଳ Black cat... ସେ ଦୃଶ୍ୟ ଥିଲା ଅସାଧାରଣ –

ଓହ୍ଲେଇ ଆସିଲେ ବିଶ୍ୱହିନ୍ଦୁ ପରିଷଦର ଶୀର୍ଷ ନେତା ଶ୍ରୀଯୁକ୍ତ ପ୍ରବୀଣ ତୋଗାଡ଼ିଆ । ସିଧା ଯାଇ ମୃତକଙ୍କ ପାଖରେ ବସିପଡ଼ି ପୁଷ୍ପଗୋଛା ଦେଇ ନମସ୍କାର କଲେ । ସେଇ ମୁହୂର୍ତ୍ତରେ ମୋର ଆତ୍ମୀୟ ହୋଇଗଲେ ସାଧାରଣରୁ - ଅସାଧାରଣ । ... ସମସ୍ତଙ୍କୁ ବିସ୍ମିତ କରି ।

ଶ୍ରୀଯୁକ୍ତ ତୋଗାଡ଼ିଆ ତାଙ୍କ ପିଲାମାନଙ୍କୁ ଡାକିଲେ, ଓ ଯାହା ଦରକାର ନିସଙ୍କୋଚରେ ଜଣାଇବାକୁ ବଚନ ଦେଇ ଗଲେ ଏବଂ କହିଲେ-

"ଗୋଟିଏ ସ୍ମରଣୀକା ବାହାର କର, ଯାହା ଏ ବିରାଟ ବ୍ୟକ୍ତିଙ୍କର ସ୍ମୃତି ବହନ କରିବ ଏବଂ ହେବ ଇତିହାସ" ।

ସ୍ମରଣୀକା କଥା କିଏ ବା ଭାବିଥିଲା ? ସ୍ମରଣୀକା ବାହାରେ ଧନୀ ଲୋକଙ୍କର ବା ବିଶିଷ୍ଟ ଲୋକଙ୍କର; ହେଲେ ... ଜଣେ ସାଧାରଣ ଲୋକ ପାଇଁ "ସ୍ମରଣୀକା"... ଯାହା ହେଉ ସେ ବ୍ୟବସ୍ଥା ହେଲା...

ସେ କଥା ଭିନ୍ନ - ଶ୍ରୀ ତୋଗାଡ଼ିଆଙ୍କର "ସ୍ମରଣିକା" କଥା ଶୁଣି ହଠାତ୍ ମନେ ପଡ଼ିଗଲା ଐତିହାସୀକ ଶ୍ରୀ ଯଦୁନାଥ ସରକାରଙ୍କ "ଛତ୍ରପତି ଶିବାଜୀ"ର ଗୋଟାଏ ଅଧ୍ୟାୟ -

ଆଓରଙ୍ଗଜେବଙ୍କ ସେନାପତି ଆଫଜଲ ଖାଁ... ସନ୍ଧିର ଆମନ୍ତ୍ରଣ କଲେ ଶିବାଜୀଙ୍କୁ... ଅବିଶ୍ୱାସୀ ଆଫଜଲ ଖାଁ.... ଶିବାଜୀ ଦ୍ୱନ୍ଦରେ ପଡ଼ିଲେ.... ଯିବେ କି ଯିବେ ନାହିଁ... ତିନି ଦିନ ଧରି ଗୋଲକୁଣ୍ଡା ଦୂର୍ଗରେ ବିନିଦ୍ର ରଜନୀ..... ଚିନ୍ତାଗ୍ରସ୍ତ ଶିବାଜୀ । ସ୍ଥିର କରି ପାରିଲେ ନାହିଁ - ଗଲେ ବିପଦ ... ନ ଗଲେ କାପୁରଷର ଆଖ୍ୟା, ଚିନ୍ତାଗ୍ରସ୍ତ ଛତ୍ରପତି ଆସି ପହଁଞ୍ଚିଲେ ବିଜାପୁର ଦୂର୍ଗରେ, ସେଠି ରହୁଥାନ୍ତି ମା "ଜିଜାବାଇ" । ପ୍ରଥମ ଦେଖାରେ ମା ପଚାରି ଦେଲେ -

"ପୁତ୍ର ତୁ ଏତେ ଚିନ୍ତିତ କାହିଁକି" ?

ଶିବାଜୀ ଭାବିଲେ ମା ଜଣେ ସାଧାରଣ ନାରୀ - ସେ ବା କ'ଣ ବୁଝିବ ଏ କୂଟ ରାଜନୀତି !! କୁଣ୍ଠିତ ସ୍ୱରରେ ସବୁ କଥା କହିଲେ; ମା କାଳ ବିଳମ୍ବ ନ କରି କହିଲେ -

"ଏଥିପାଇଁ ଏତେ ଚିନ୍ତା ? ମା ଭବାନୀଙ୍କୁ ପ୍ରଣାମ କରି ନିଜର ସୁରକ୍ଷା କରି ଯା -

ଏଇ କେଇ ପଦ କଥାରେ ଶିବାଜୀଙ୍କ ମନ ଆକାଶରୁ କଳା ମେଘର ବାଦଲ ଅପସରି ଗଲା....

ଠିକ୍ ସେଇପରି ଶ୍ରୀ ତୋଗାଡ଼ିଆଙ୍କ କଥାରେ ମୋ ମନ ଆକାଶରୁ ଘନ କଳା ମେଘର କୁହେଳିକା "ଅଯଥା"ଟି ଉଭେଇ ଯାଇ "ଯଥାର୍ଥ"ରେ ରୂପାନ୍ତରିତ ହୋଇଗଲା । ମନେ ହେଲା Souvenirଟି ବାହାର କରି କେଡ଼େ ମହତ କାମ କରୁଛନ୍ତି ନିର୍ମଳ ଓ ସରୋଜ ।

ଯେଉଁମାନେ ଏ ସମାଜରେ ନାଟ୍ୟ ଜଗତ ପାଇଁ କେତେ କ'ଣ କରି ଯାଇଛନ୍ତି ସେମାନଙ୍କ ସ୍ମୃତି ଏଥିରେ ସବୁଦିନ ପାଇଁ ଉଜ୍ଜୀବିତ ହୋଇ ରହିବ .... ସେମାନଙ୍କ ଅବର୍ତ୍ତମାନରେ । ଏଥିରେ ରହିଯିବ ନାଟ୍ୟ ଆନ୍ଦୋଳନର ଇତିହାସ, "ସଂସ୍କୃତି ବିହାର"ର ପ୍ରଚେଷ୍ଟା, ଅବଦାନ ଏବଂ ଲିଭି ଆସୁଥିବା ଦୀପଟିରେ ପୁଣି ତୈଳଦାନ କରି ପୁନଃ ପ୍ରଜ୍ଜଳନ କରିବାର ପ୍ରୟାସ ।

ନିର୍ମଳ, ସରୋଜ ଓ ନାରଣଙ୍କ ପ୍ରତି ମୋର ମନଟା କୃତଜ୍ଞତାରେ ଭରିଗଲା... "ଅଯଥା" ଶବ୍ଦଟି ପାଇଁ ମୁଁ ନିଜକୁ ଅପରାଧୀଟିଏ ମଣିଲି ।

- ଯାହାହେଲା ଭଲ ହେଲା -

*ରାଉସାପାଟଣା, କଟକ*